**DAV PUBLIC SCHOOLS, BHUBANESWAR**
**PERIODIC ASSESSMENT-I(2022-23)**

- Please check that this question contains 03 pages.
- Check that this question paper contains 07 questions.
- Please write down the serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

**CLASS-IX**
**SUBJECT:ODIA**

**Time Allowed:1½ Hours** **Maximum Marks : 40**

- ପ୍ରଶ୍ନପତ୍ରରେ ୪ ଟି ବିଭାଗରେ ୭ ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ପ୍ରଶ୍ନପତ୍ରର କ୍ରମିକ ସଂଖ୍ୟା ଉତ୍ତର ଖାତାରେ ଠିକ୍ ଭାବରେ ଲେଖ ।
- ଅକ୍ଷରଗୁଡିକ ସୁନ୍ଦର ଓ ପରିଷ୍କାର ଭାବରେ ଲେଖ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡି ଛାଡି ଅନ୍ୟ ଉତ୍ତରଟି ଲେଖ।

**କ ବିଭାଗ (୫)**

**୧)ନିମ୍ନପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ ଗୁଡ଼ିକର ଉତ୍ତର ଲେଖ ।** (୫x ୧=୫)

ମାତୃଗର୍ଭରୁ ଯେଉଁ ଦେଶର ମାଟିରେ ମୁଁ ଭୂମିଷ୍ଠ ହେଲି, ସେହି ଦେଶ ହିଁ ମୋର ମାତୃଭୂମି। ମା ଓ ମାତୃଭୂମି ମଧ୍ୟରେ ପାର୍ଥକ୍ୟ କିଛି ନାହିଁ । ବରଞ୍ଚ ମାତୃଭୂମି ମା'ଠାରୁ ବଡ଼ । ତେଣୁ ମାତୃଭୂମିକୁ ରକ୍ଷା କରିବା ପ୍ରତ୍ୟେକ ସୁସନ୍ତାନର କର୍ତ୍ତବ୍ୟ। ଆମ୍ଭେମାନେ ଶାନ୍ତିପ୍ରିୟ, ଧର୍ମବିଶ୍ୱାସୀ ଓ ସରଳ ହେଲେ ମଧ୍ୟ ଆମର ପଡ଼ୋଶୀ ମାନେ ଯେ ସେହିପରି ହେବେ,ଏହା ବିଶ୍ୱାସ କରିବା ଏକ ମାରାତ୍ମକ ଭୁଲ। ଯୁଗେ ଯୁଗେ ଇତିହାସର ଘଟଣାବଳୀରୁ ପ୍ରମାଣିତ ହୁଏ ଯେ ସ୍ୱର୍ଣ୍ଣପ୍ରସୂ ଭାରତକୁ ଲୁଣ୍ଠନ କରିବାକୁ ବାରମ୍ବାର ବିଦେଶୀ ମାନେ ଆକ୍ରମଣ କରିଛନ୍ତି।ସୁଲତାନ୍ ମାମୁଦ୍ ୧୭ ଥର ଭାରତ ଲୁଣ୍ଠନ କରିଥିଲେ। ଫରାସୀ , ପର୍ତ୍ତୁଗୀଜ ଓ ଇଂରେଜ ମାନେ ବଣିକ ସାଜି ବେପାର କରିବାକୁ ଭାରତ ଆସିଥିଲେ । ସେଥିମଧ୍ୟରୁ ଇଂରେଜ ମାନେ ଥିଲେ ମହାଚତୁର । ସେମାନେ ବାଣିଜ୍ୟ କରୁକରୁ ଦୀର୍ଘ ୨୦୦ ବର୍ଷ ଭାରତବର୍ଷକୁ ଶାସନ କରି ଆମକୁ କାଙ୍ଗାଳରେ ପରିଣତ କରିଦେଇଛନ୍ତି। ଏହି କେତେ ବର୍ଷହେଲା ଭାରତ ସ୍ୱାଧୀନ ହୋଇଛି । ଗଣତନ୍ତ୍ରରେ ବିଶ୍ୱାସୀ ଭାରତ ବହୁକ୍ଷେତ୍ରରେ ଉନ୍ନତି କରିଛି । ଏଣୁ ଆମଦେଶର ସୁରକ୍ଷା ଆମହାତରେ ରହିଛି । ଏହି ପରିସ୍ଥିତିରେ ସମସ୍ତ ଦେଶବାସୀ ଜଣେ ଜଣେ ସୈନିକ । ମାତୃଭୂମି ପାଇଁ ପ୍ରାଣପାତ କରିବାକୁ

ପ୍ରତ୍ୟେକ ପ୍ରସ୍ତୁତ ହେବା ଉଚିତ । ଏଦେଶ ଆମର । ଏହି ଭାବନାର ବଶବର୍ତ୍ତୀ ହୋଇ ଆମେ ଆମ ଦେଶ ପାଇଁ କାମ କରିବା ଫଳରେ ଶତ୍ରୁ ହତାଶ ହୋଇ ପଛଘୁଞ୍ଚାଦେବ। ଏହାର ବିପରୀତ କାର୍ଯ୍ୟ କଲେ ଶତ୍ରୁ ଉତ୍ସାହିତ ହେବ। ଶତ୍ରୁର ଦୃଢ଼ ମୁକାବିଲା ପାଇଁ ଦୃଢ଼ ଜାତୀୟତାବୋଧ ଏକାନ୍ତ ଆବଶ୍ୟକ ।ଆମେ ମାତୃଭୂମିର ସନ୍ତାନ। ଦେଶ ଆମର ମାଆ । ମା'କୁ ଆମେ ସୁରକ୍ଷା ଦେବୁ। ସେଥି ପାଇଁ ଜୀବନ ଯାଉପଛକେ, ଆମେ ନିର୍ଭୟରେ ମଥା ଉନ୍ନତ କରି ଠିଆହେବୁ। ଏହିପରି ଭାବନା ସଚ୍ଚା ଦେଶପ୍ରେମୀର ପରିଚାୟକ।

(କ)ବିଦେଶୀ ଶକ୍ତିଙ୍କ ଭିତରୁ କେଉଁମାନେ ଚତୁର ଥିଲେ?

(ଖ)ଭାରତ କେଉଁ ଥିରେ ବିଶ୍ୱାସ କରେ?

(ଗ)ମାତୃଭୂମି ପ୍ରତି କ'ଣ କରିବା ପାଇଁ ସମସ୍ତେ ପ୍ରସ୍ତୁତ ହେବା ଉଚିତ ?

(ଘ) ସମସ୍ତେ ଏକ ମନହୋଇ କାମକଲେ ଶତ୍ରୁ କିପରି ଭାବରେ ପଛଘୁଞ୍ଚା ଦେବେ?

**(ଙ)** ଶତ୍ରୁର ମୁକାବିଲା ପାଇଁ କ'ଣ ଆବଶ୍ୟକ ହୋଇଥାଏ?

**ଖ ବିଭାଗ (୫)**

୨)ତୁମ ଅଞ୍ଚଳରେ ବାରମ୍ବାର ହେଉଥିବା ଅଘୋଷିତ ବିଦ୍ୟୁତ୍ କାଟର ପ୍ରତିକାର ପାଇଁ ଟାଟା ପାୱାରର ମୁଖ୍ୟ ଯନ୍ତ୍ରୀଙ୍କୁ ଦରଖାସ୍ତ ଲେଖ । (୧x୫=୫)

**ଗ ବିଭାଗ (୧୦)**

୩) **କ(ସନ୍ଧି ବିଚ୍ଛେଦ କର** । (୬x୧=୬)

ସ୍ୱାଗତ , ସ୍ୱାଧୀନ , ମନୋରଞ୍ଜନ , ଚଳଚ୍ଚିତ୍ର , ଉଲ୍ଲେଖ , ପୁନରପି

**ଖ)ବିଗ୍ରହ ବାକ୍ୟ ସହିତ ସମାସର ନାମ ଲେଖ** । **(୪x୧=୪)**

ଚରଣାଶ୍ରିତ , ହଂସଡିମ୍ବ , ରଙ୍ଗମଞ୍ଚ , କୁଳବୁଡା

**ଘ ବିଭାଗ (୨୦)**

**୪) ସଂକ୍ଷେପରେ ଉତ୍ତର ଦିଅ ।** **(୨x୨=୪)**

**କ)** ଦୋଷଗୁଣ ଦେଖିବା ସମ୍ପର୍କରେ ଲେଖକଙ୍କ ବକ୍ତବ୍ୟ କ'ଣ ?

**ଖ)** ଡାହାଳ ଛୁଆଟି କଥା କହିପାରୁଥିଲେ କ'ଣ କହନ୍ତା ?

**୫) ସଂକ୍ଷେପରେ ଉତ୍ତର ଦିଅ ।** **(୨x୨=୪)**

**କ)** ଉତ୍କଳ ଜନନୀର ଅଙ୍ଗ କେଉଁଥିରେ ଶୋଭିତ ?

**ଖ)** ଉତ୍କଳ ଜନନୀଙ୍କ ଚକ୍ଷୁ କେଉଁ ଆଲୋକରେ ପବିତ୍ର ?

୬) ଠିକ୍ ଉତ୍ତରକୁ ବାଛି ଲେଖ । (୮x୧=୮)

କ) ମଧୁବାବୁ ଓଡ଼ିଆମାନଙ୍କୁ  କ'ଣ ଶିଖାଇଛନ୍ତି ?

(i) ଭଦ୍ରାମି (ii) ଗର୍ବ (iii) ସ୍ୱାଭିମାନ (iv) ଅହଂକାର

ଖ) କେଉଁ ଜାତି ଟଙ୍କା ମାଗିଲା ମାତ୍ରେ ସମସ୍ତେ ଦେବାକୁ ଇଚ୍ଛା ପ୍ରକାଶ କରନ୍ତି?

(i) ପାକିସ୍ତାନୀ (ii) ଭାରତୀୟ (iii) ଜାପାନୀ (iv) ବାଂଲାଦେଶୀ

ଗ) ଉତ୍କଳ ଜନନୀ ଓ ଭାରତ ଜନନୀ  ମଧ୍ୟରେ ସମ୍ପର୍କ କ'ଣ?

(i) ସଉତୁଣୀ (ii) ଭଉଣୀ (iii) ମା-ଝିଅ (iv) ଶତ୍ରୁ

ଘ) କିଏ ପ୍ରତିକ୍ଷଣ ମଣିଷକୁ ତଳକୁ ଟାଣୁଛି ?

(i) ତ୍ୟାଗ (ii) ମୋହମାୟା (iii) ସଂଯମ (iv) ବନ୍ଧୁତ୍ୱ

ଙ) ଲକ୍ଷ୍ମୀକାନ୍ତ ମହାପାତ୍ର କେଉଁ କବି ଭାବରେ ପରିଚିତ ?

(i)ଭକ୍ତକବି (ii) ଗୀତିକବି (iii) ସ୍ୱଭାବକବି (iv) କାନ୍ତକବି

ଚ) କେଉଁ ମସିହାରେ ଡଗର ପତ୍ରିକା ପ୍ରକାଶିତ ହୋଇଥିଲା ?

(i) ୧୯୩୬ (ii) ୧୯୩୮ (iii) ୧୯୩୭ (iv) ୧୯୩୯

ଛ) କାହାର ଜଳଧାରା ଉତ୍କଳ ଜନନୀର ଶରୀରକୁ ଧୋଇଦିଏ ?

(i)ନଈ (ii)ସମୁଦ୍ର (iii)ପୋଖରୀ (iv) ଝରଣା

ଜ) କାହାର ପ୍ରେରଣାରେ ଲକ୍ଷ୍ମୀକାନ୍ତ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ ?

(i) ମହାତ୍ମା ଗାନ୍ଧୀ (ii) ଗୋପବନ୍ଧୁ ଦାସ (iii)ମଧୁସୂଦନ ଦାସ (iv) ଭକ୍ତ ଚରଣ ଦାସ

୭) ବୁଢା ଆଣିଥିବା ଶଙ୍ଖା କାନ୍ଦି କାନ୍ଦି ବାହାରେ କଚାଡ଼ି ଚୂନା କରିଦେଲା କାହିଁକି ? (୪x୧=୪)

***